# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12th November - 2024

### News Editor : *Itishree Singh Rathaur*

************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରବାସୀ ଭାରତୀୟ ଦିବସ ୱେବସାଇଟ୍‌ର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ
- ଶିକ୍ଷା ଭିତ୍ତିଭୂମିର ବିକାଶ କରି ଦେଶକୁ ଏକ ଉତ୍ପାଦନକାରୀ ଅର୍ଥନୀତିରେ ପରିଣତ କରିବାକୁ ହେବ, କହିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ରାଉରକେଲା ଓ ଢେଙ୍କାନାଳରେ ହାତୀ ମୃତ୍ୟୁର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ମୋ' ବସ୍‌ରେ ଯାତ୍ରା ପାଇଁ ଅନଲାଇନ୍ ଟିକେଟ ବ୍ୟବସ୍ଥା ଆରମ୍ଭ

*BBSR/R*

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ପ୍ରବାସୀ ଭାରତୀୟ ଦିବସ ୱେବସାଇଟ୍‌ର ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା କଳା, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ରାଜ୍ୟ । ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ଗୌରବର ବିଷୟ । ସେ କହିଛନ୍ତି, ଏହି ଦିବସକୁ ସଫଳତାର ସହ ପରିଚାଳନା କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, କର୍ମଶାଳା ଆଦିର ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ଯୋଗଦେଇଥିଲେ । ସୂଚନା ଅନୁସାରେ, ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ ।

*PR*

## ରାଷ୍ଟ୍ରୀୟ କର୍ମଶାଳା– ଧର୍ମେନ୍ଦ୍ର ପ୍ରଧାନ

ଶିକ୍ଷା ଭିତ୍ତିଭୂମିର ବିକାଶ କରି ଦେଶକୁ ଏକ ଉତ୍ପାଦନକାରୀ ଅର୍ଥନୀତିରେ ପରିଣତ କରିବାକୁ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ଉପରେ ଆୟୋଜିତ ଦୁଇଦିନିଆ ରାଷ୍ଟ୍ରୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷା କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେବା ପାଇଁ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ହେବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଭିନବ

ପାଣ୍ଠି ମାଧ୍ୟମରେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବା, ଶିଳ୍ପର ଚାହିଦା, ଆକାଂକ୍ଷା ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ, ଗବେଷଣା, ନବସୃଜନ, ଅଣଶିକ୍ଷାଗତ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

***HS***

## ଉଭବ

ଭୁବନେଶ୍ୱରରେ ଆଜିଠାରୁ ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ-୨୦୨୪ 'ଉଭବ' ଆରମ୍ଭ ହୋଇଛି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ଉତ୍ସବକୁ ଶୁଭାରମ୍ଭ କରି କହିଛନ୍ତି, ଏକଲବ୍ୟ ଆବାସିକ ବିଦ୍ୟାଳୟଗୁଡ଼ିକୁ ଦେଶରେ ବ୍ୟାପକ କରାଯାଇଛି। ଏହି ସବୁ ବିଦ୍ୟାଳୟଗୁଡ଼ିକୁ ଦେଶର ଏକ ନମ୍ବର ବିଦ୍ୟାଳୟରେ ପରିଣତ କରିବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି। କାର୍ଯ୍ୟକ୍ରମରେ ରାଷ୍ଟ୍ର ମନ୍ତ୍ରୀ ଦୁର୍ଗା ଦାସ ଉଇକେ ଓ ରାଜ୍ୟ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା ଏହି ସମାରୋହରେ ୨୨ଟି ରାଜ୍ୟର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡ଼ିଶାର ପ୍ରଥମଥର ପାଇଁ ଏହି ସମାରୋହ ଆୟୋଜନ କରାଯାଇଛି।

ଏଥିରେ ଛାତ୍ରଛାତ୍ରୀମାନେ ୪୭ଟି ପ୍ରକାର ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି ।

***I&PR***

## ରାସନ କନକ୍ଲେଭ

ରାଜ୍ୟକୁ କୁପୋଷଣ ମୁକ୍ତ କରିବା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱରରେ ଆଜି ରାଜ୍ୟସ୍ତରୀୟ ଟେକ୍ ହୋମ୍ ରାସନ କନକ୍ଲେଭରେ ଯୋଗଦେଇ ଶ୍ରୀମତୀ ପରିଡ଼ା ରାଜ୍ୟରେ ଆଞ୍ଚଳିକ ପୋଷଣ ଅସମାନତାକୁ ଧ୍ୟାନ ଦେବା ସହ ଛତୁଆର ମାନ ବୃଦ୍ଧି ତଥା ଅନ୍ୟ ବିକଳ୍ପ ଖୋଜିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ୨୦୪୭ ମସିହା ସୁଦ୍ଧା ରାଜ୍ୟକୁ କୁପୋଷଣ ମୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ମିଶନ ମୋଡ୍‌ରେ କାର୍ଯ୍ୟ କରିବାକୁ ହେବ । ଏହି କାର୍ଯ୍ୟକ୍ରମରେ ୯ଟି ରାଜ୍ୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

***HS***

## ଶକ୍ତି ମନ୍ତ୍ରୀ ସମ୍ମିଳନୀ

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନୂଆଦିଲ୍ଲୀ ସ୍ଥିତ ଯଶୋଭୂମି ଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଶକ୍ତି ମନ୍ତ୍ରୀ ସମ୍ମିଳନୀରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ସିଂଦେଓ ରାଜ୍ୟରେ ସମ୍ବଳର ଉପଯୋଗ ଏବଂ ବିଦ୍ୟୁତ ବିତରଣ କମ୍ପାନୀର କାର୍ଯ୍ୟକ୍ଷମତା ଭଳି ପ୍ରମୁଖ

ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତରେ ବିଦ୍ୟୁତ୍ କ୍ଷେତ୍ରର ବିକାଶ ଏବଂ ଭବିଷ୍ୟତ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

*CTC*

## ହାଇକୋର୍ଟ- ଭରତପୁର ମାମଲା

ଓଡ଼ିଶା ହାଇକୋର୍ଟ ଆଜି ଭରତପୁର ଥାନା ମାମଲାର ଶୁଣାଣି କରିଛନ୍ତି। ରାଜ୍ୟ ପୁଲିସ ମୁଖ୍ୟାଳୟ- ଏ.ଡି.ଜି. ଦୟାଲ ଗଙ୍ଗୱାର ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ୯୬ ପ୍ରତିଶତ ଥାନାରେ ସିସିଟିଭି ଲଗାଯାଇଥିବା ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଅବଶିଷ୍ଟ ଥାନାଗୁଡ଼ିକରେ ସିସିଟିଭି ଲଗାଯିବ ବୋଲି ସେ କହିଛନ୍ତି। ପୋଲିସ ଆଉଟ୍‌ପୋଷ୍ଟ ଏବଂ ନୂତନ ପୁଲିସ କାର୍ଯ୍ୟାଳୟଗୁଡ଼ିକରେ ଆସନ୍ତା ବର୍ଷ ମାର୍ଚ୍ଚମାସ ଶେଷ ସୁଦ୍ଧା ସିସିଟିଭି ଲଗାଯିବ ବୋଲି ଶ୍ରୀ ଗଙ୍ଗୱାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

*I&PR*

## ହାତୀ ମୃତ୍ୟୁ ତଦନ୍ତ

ରାଉରକେଲା ଓ ଢେଙ୍କାନାଳର ମେରାମୁଣ୍ଡଳିଠାରେ ରେଳ ଧାରଣାରେ ହାତୀ ମୃତ୍ୟୁର ତଦନ୍ତ ପାଇଁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଦୋଷୀ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ

ମାମଲାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି ।

***BBSR/R***

## ମୋ' ବସ୍- ଅନଲାଇନ୍ ଟିକେଟ

କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ– କ୍ରୁଟ୍ ଦ୍ୱାରା ପରିଚାଳିତ 'ମୋ ବସ୍'ରେ ଯାତ୍ରା ପାଇଁ ବର୍ତ୍ତମାନ ଅନଲାଇନ୍‌ରେ ଟିକେଟ କ୍ରୟ ବ୍ୟବସ୍ଥା ହୋଇଛି । ଏଥିପାଇଁ କ୍ରୁଟ୍ ଓପନ୍ ନେଟୱର୍କ ଫର୍ ଡିଜିଟାଲ କମର୍ସ ପ୍ଲାଟଫର୍ମ– ଓ.ଏନ୍.ଡି.ସି.ରେ ଟିକେଟ୍ ବିକ୍ରେତା ଭାବେ ଯୋଡ଼ି ହୋଇଛି । ଏହି ପଦକ୍ଷେପ ଦ୍ୱାରା 'ମୋ ବସ୍'ର ନିଜସ୍ୱ ଆପ୍ ସହିତ ଯାତ୍ରୀମାନେ ଅନ୍ୟ ଡିଜିଟାଲ ସାଇଟ୍ ମାଧ୍ୟମରେ ଅନଲାଇନ୍‌ରେ ଟିକେଟ୍ କ୍ରୟ କରି ମୋ' ବସ୍‌ରେ ଯାତ୍ରା କରିପାରିବେ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି ।

***Ganjam***

## କୃଷି ଯନ୍ତ୍ରପାତି ମେଳା

ଗଞ୍ଜାମ ଜିଲ୍ଲା ଭଞ୍ଜନଗରସ୍ଥିତ ଉପେନ୍ଦ୍ର ଭଞ୍ଜ ଷ୍ଟାଡିୟମ୍‌ରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ । ଭଞ୍ଜନଗର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଚାଷୀଙ୍କ ଅର୍ଥନୀତିରେ ବିକାଶ ହେଲେ ରାଜ୍ୟରେ ବିକାଶ ହେବ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ସ୍ଥାନୀୟ ଚାଷୀମାନଙ୍କୁ ନେଇ ଏକ କୃଷି ପାଠଶାଳା ଅନୁଷ୍ଠିତ ହୋଇଛି । ମେଳାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ବିଭିନ୍ନ

ମହିଳା ଏସ୍‌ଏସ୍‌ଜି ଗୋଷ୍ଠୀର ଉତ୍ପାଦ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ୨୫ଟି ଷ୍ଟଲ୍ ଲାଗିଛି ।

***Ganjam***

## ବୋଇତ ବନ୍ଦାଣ ଉତ୍ସବ

ଗଞ୍ଜାମ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆସନ୍ତା ୧୫ ତାରିଖରେ ଗୋପାଳପୁର ବେଳାଭୂମିରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ । ଏଥିସକାଶେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆଜି ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଭୋର୍ ୩ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଭଜନ ସମାରୋହ ହେବ । ୫ଟାରେ ସମବେତ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ । ସକାଳ ୭ଟାରୁ ରାମଲୀଳା ପରିବେଷଣ ସହିତ ଝୋଟି ଚିତା, ହୁଳହୁଳି, ଓଡ଼ିଆଣୀ ବେଶ ଏବଂ ପାରମ୍ପରିକ ପିଠା ପ୍ରତିଯୋଗିତା ଆୟୋଜନ ହେବ ।

***Ganjam***

## ବୋଇତ ବନ୍ଦାଣ ଉତ୍ସବ

ଗଞ୍ଜାମ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆସନ୍ତା ୧୫ ତାରିଖରେ ଗୋପାଳପୁର ବେଳାଭୂମିରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ । ଏଥିସକାଶେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆଜି ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଭୋର୍ ୩ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଭଜନ ସମାରୋହ ହେବ । ୫ଟାରେ

ସମବେତ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ। ସକାଳ ୭ଟାରୁ ରାମଲୀଳା ପରିବେଷଣ ସହିତ ଝୋଟି ଚିତା, ହୁଳହୁଳି, ଓଡ଼ିଆଣୀ ବେଶ ଏବଂ ପାରମ୍ପରିକ ପିଠା ପ୍ରତିଯୋଗିତା ଆୟୋଜନ ହେବ।

***Nayagarh***

## କୃଷି ବିଜ୍ଞାନ କେନ୍ଦ୍ର ଉପଦେଷ୍ଟା ମଣ୍ଡଳୀ

ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଚାଷୀମାନଙ୍କ ଉଦ୍ଦେଶ୍ୟରେ ଏକ କ୍ଷୁଦ୍ର ଭିଡିଓ ଲୋକାର୍ପଣ କରାଯାଇଥିଲା।

***Boudh/Nabarangpur/Rayagada***

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। **ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଚନ୍ଦ୍ରପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ୬୮ଟି ଅଭିଯୋଗର ଶୁଣାଣି କରିଥିଲେ।

ସେହିପରି **ନବରଙ୍ଗପୁର** ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିରରେ ୫୩ ଜଣ ଆବେଦନକାରୀଙ୍କ ଅଭିଯୋଗର ଶୁଣାଣି ହୋଇଥିଲା।

**ବୌଦ୍ଧ** ଜିଲ୍ଲାର ହରଭଙ୍ଗା ବ୍ଲକ ଚାରିଛକ ଠାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ମୋଟ୍ ୧୧୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୩୦ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା।

***Puri (Repeat)***

## ପଞ୍ଚୁକ ବ୍ରତ

କାର୍ତ୍ତିକ ମାସର ପଞ୍ଚୁକ ବ୍ରତ ଆଜିଠାରୁ ଆରମ୍ଭ ହୋଇଛି । ରାଜ୍ୟର ଶୈବପୀଠ ଗୁଡ଼ିକରେ ଏଥିପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ଚଳିତ ବର୍ଷ ଏହି ବ୍ରତ ପାଞ୍ଚଦିନ ପରିବର୍ତ୍ତେ ୪ ଦିନ ପାଳିତ ହେଉଛି । ମହାପ୍ରଭୁ ୪ ଦିନରେ ୪ଟି ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ବଡ଼ଏକାଦଶୀ ତିଥିରେ ଆଜି ଶ୍ରୀଜୀଉ ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଉଛନ୍ତି। ଆସନ୍ତାକାଲି ବାଙ୍କଚୂଡ଼ ବା ବାମନ ବେଶ, ୧୪ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ ଓ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣମୀରେ ମହାପ୍ରଭୁ ରାଜାଧିରାଜ ବେଶ ବା ସୁନାବେଶରେ ଦର୍ଶନ ଦେବେ । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ସେହିଭଳି କଟକର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ଆସନ୍ତାକାଲି ବଡ଼ଓଷା ଏବଂ ଗୁରୁବାର ୧୪ ତାରିଖରେ ଗଜଭୋଗ ବିତରଣ କରାଯିବ। ବାବା ଧବଳେଶ୍ୱର ଆଜି ଶ୍ରଦ୍ଧାଳୁଙ୍କୁ ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଉଛନ୍ତି।

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଅପରପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଫୁଲବାଣୀ ଠାରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।